**Indian Journal of Modern Research and Reviews**

This Journal is a member of the '*Committee on Publication Ethics*'

Online ISSN:2584-184X

*Review Article*

# ପଶ୍ଚିମ ଓଡ଼ିଶାର ଲୋକକ୍ରୀଡ଼ା - ଏକ ବିମର୍ଷ

**ଡ଼. ସୁଚିତ୍ରା ମହାନ୍ତି**

*ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*

*ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା, ଓଡ଼ିଶା, ଭାରତ*

**Corresponding Author:** *ଡ଼. ସୁଚିତ୍ରା ମହାନ୍ତି

**DOI:** https://doi.org/10.5281/zenodo.19204162

## Abstract

*କ୍ରୀଡ଼ା ସହିତ ମନୁଷ୍ୟର ସମ୍ପର୍କ ଅତି ନିବିଡ଼ । ଏହା ମାନବ ସମାଜକୁ ଆନନ୍ଦ ପ୍ରଦାନ କରିବା ସହିତ ମାନସିକ ଓ ଶାରୀରିକ ତଥା ସାମାଜିକ ସାଧନ କ୍ଷେତ୍ରରେ ସହାୟକ ହୋଇଥାଏ । ଲୋକକ୍ରୀଡ଼ା ଏକ ସାମାଜିକ ପ୍ରକ୍ରିୟା । ଏହା ଲୋକ ସଂସ୍କୃତିର ଏକ ସ୍ୱୟଂସମ୍ପୂର୍ଣ୍ଣ ବିଭବ ଓ ଜୀବନର ପ୍ରାଣସ୍ପନ୍ଦନ । ଓଡ଼ିଶାର ଲୋକକ୍ରୀଡ଼ା, ଓଡ଼ିଶାବାସୀଙ୍କୁ ନିଜର ଅସ୍ତିତ୍ୱ, ଅସ୍ମିତା, ସାମୂହିକ ଚେତନା ସହ ପୁନଃ ପରିଚିତ କରାଇଥାଏ । ଋତୁ ଚକ୍ର ସହ ଖେଳର ସମ୍ପର୍କ, କ୍ରୀଡ଼ା ସଙ୍ଗୀତର ସାହିତ୍ୟିକ ମୂଲ୍ୟ, ପାରସ୍ପରିକ ସମ୍ପର୍କର ଅଭିବୃଦ୍ଧି, ମନୋରଞ୍ଜନ କରିବାର ଏକ ଉତ୍କୃଷ୍ଟ ମାଧ୍ୟମ । ଗୋଷ୍ଠୀଗତ ଜୀବନଯାପନର ପ୍ରୟାସ, ସାମାଜିକ ସ୍ୱୀକୃତି ଏବଂ ବିନା ବ୍ୟୟବହୁଳ ଉପକରଣ ରେ ସୃଷ୍ଟି ହୋଇଥିବା ନିର୍ମଳ ଆନନ୍ଦର ସ୍ୱରୂପ ଏଠାରେ ମୁଖ୍ୟ ପ୍ରସଙ୍ଗ ଭାବେ ଗୃହୀତ। ସାମ୍ପ୍ରତିକ ସଭ୍ୟତାରେ ଲୁପ୍ତପ୍ରାୟ ହୋଇଯାଉଥିବା ପାରମ୍ପରିକ ଲୋକକ୍ରୀଡ଼ା ଗୁଡ଼ିକ ଲୋକଲୋଚନକୁ ଆଣିବା ସହିତ ସଂରକ୍ଷଣ ବ୍ୟବସ୍ଥା ଏବଂ ଆଗାମୀ ଯୁବପିଢ଼ି ପାଇଁ ତାହା କିପରି ଉପାଦେୟ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବା ଆବଶ୍ୟକ ଯାହା ଏହି ବିଷୟର ମୁଖ୍ୟସ୍ୱର । ଏତଦ୍‌ବ୍ୟତୀତ ଏହି ନିବନ୍ଧଟି ଓଡ଼ିଶାର ମାଟି ଓ ମଣିଷର ଆତ୍ମିକ ସମ୍ପର୍କକୁ ଲୋକକ୍ରୀଡ଼ା ମାଧ୍ୟମରେ ପୁନଃ ଆବିଷ୍କାର କରିବାର ଏକ ବିନମ୍ର ପ୍ରୟାସ ।*

## Manuscript Information

- **ISSN No:** 2584-184X
- **Received:** 20-01-2026
- **Accepted:** 25-02-2026
- **Published:** 24-03-2026
- **MRR:**4(3); 2026: 328-331
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

## How to Cite this Article

ଡ଼ଃ. ସୁଚିତ୍ରା ମହାନ୍ତି . ପଶ୍ଚିମ ଓଡ଼ିଶାର ଲୋକକ୍ରୀଡ଼ା - ଏକ ବିମର୍ଷ. Indian J Mod Res Rev. 2026;4(3):328-331.

## Access this Article Online

www.multiarticlesjournal.com

**KEYWORDS:** *ପଶ୍ଚିମଓଡିଶା, ଲୋକକ୍ରୀଡ଼ା, ମୁକ୍ତପ୍ରାଙ୍ଗଣ, କସାଡ଼ି, ବାଗଛେଲ, ବାଟି, ପୁଚି, ସୁତାକୁଲେନ୍, ଅନୁକରଣ।*



© 2026 *ଡ଼ଃ. ସୁଚିତ୍ରା ମହାନ୍ତି*. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## INTRODUCTION

### ଲୋକକ୍ରୀଡ଼ାର ପରିଭାଷା ଓ ପରିସର

'ଲୋକ' ଏବଂ 'କ୍ରୀଡ଼ା' - ଏହି ଦୁଇଟି ଶବ୍ଦର ସମାହାରରେ ଗଠିତ 'ଲୋକକ୍ରୀଡ଼ା'। ଏଠାରେ 'ଲୋକ' କହିଲେ ସାଧାରଣ ଜନତା, ଗ୍ରାମୀଣ ମଣିଷ ବା ପରମ୍ପରାକୁ ବହନ କରୁଥିବା ଏକ ବିରାଟ ଜନଗୋଷ୍ଠୀକୁ ବୁଝାଏ। 'କ୍ରୀଡ଼ା' ଅର୍ଥ ଆନନ୍ଦ ଉଲ୍ଲାସ ନିମନ୍ତେ କରାଯାଉଥିବା ଶାରୀରିକ ଓ ମାନସିକ କସରତ। ଡଃ କୁଞ୍ଜବିହାରୀ ଦାଶଙ୍କ ଭାଷାରେ - "ଲୋକକ୍ରୀଡ଼ା ହେଉଛି ଲୋକ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ, ଯାହା କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀର କଠୋର ଶୃଙ୍ଖଳାରେ ଆବଦ୍ଧ ନ ହୋଇ ସ୍ୱତଃସ୍ଫୂର୍ତ୍ତ ଭାବେ ସୃଷ୍ଟି ହୋଇଥାଏ।" _ଆଧୁନିକ ଖେଳ ପାଇଁ ନିର୍ଦ୍ଦିଷ୍ଟ ପଡ଼ିଆ, ମୂଲ୍ୟବାନ ଉପକରଣ, ତାଲିମପ୍ରାପ୍ତ ରେଫରୀ ଏବଂ ଲିଖିତ ନିୟମାବଳୀର ଆବଶ୍ୟକତା ରହିଥାଏ। କିନ୍ତୁ ଓଡ଼ିଶାର ଲୋକକ୍ରୀଡ଼ା ଏସବୁରୁ ମୁକ୍ତ। ଗାଁ ଦାଣ୍ଡ, ନଈପଠା, ଆମ୍ବତୋଟା, ବରଗଛ ମୂଳ, କିମ୍ବା ଘରର ଅଗଣା, ଯେ କୌଣସି ସ୍ଥାନ ଲୋକକ୍ରୀଡ଼ାର ରଙ୍ଗମଞ୍ଚ ପାଲଟିପାରେ। ଭଙ୍ଗା ଖପରା, ଗୋଡ଼ି, କାଠି, ବାଡ଼ି, ଦଉଡ଼ି ଭଳି ଅତି ସାଧାରଣ ବସ୍ତୁ ଏହି ଖେଳର ଉପକରଣ ହୋଇଥାଏ। ସାବଲୀଳତା ହିଁ ଲୋକକ୍ରୀଡ଼ାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ। ଏଥିରେ କୌଣସି କୃତ୍ରିମତା ନାହିଁ ; ଅଛି କେବଳ ସ୍ୱଚ୍ଛ, ନିର୍ମଳ ଆନନ୍ଦମୟ ଏକ ସାମୂହିକ ଭାବନାର ଦ୍ୟୋତକ।

### ମାଟି ଓ ମଣିଷର ଆତ୍ମିକ ସମ୍ପର୍କ

ପଶ୍ଚିମ ଓଡ଼ିଶାର ଲୋକକ୍ରୀଡ଼ାକୁ ବୁଝିବାକୁ ହେଲେ ଓଡ଼ିଶାବାସୀଙ୍କ ମନସ୍ତତ୍ତ୍ୱକୁ ବୁଝିବାକୁ ପଡ଼ିବ। ଏଠାରେ ଖେଳ କେବଳ ପ୍ରତିଯୋଗିତାମୂଳକ ନୁହେଁ। ବରଂ ଏହା ଏକ ସହଯୋଗ, ସହନଶୀଳତା ଏବଂ ଭାତୃଭାବର ନୈତିକ ଶିକ୍ଷା ପ୍ରଦାନ କରିଥାଏ। ଗୋଟିଏ ଗାଁ ଦାଣ୍ଡରେ ଯେତେବେଳେ ପିଲାମାନେ 'ବୋହୂଚୋରି' କିମ୍ବା 'ଡୁଡୁ' ଖେଳନ୍ତି, ସେତେବେଳେ ଜାତି, ଧର୍ମ, ବର୍ଣ୍ଣ ର ଭେଦ ଭାବ ଆପେ ଆପେ ମିଳେଇ ଯାଇଥାଏ। ଧୂଳିଧୂସରିତ ଦେହରେ ଯେଉଁ ଆନନ୍ଦ ଥାଏ, ତାହା କୌଣସି ଶୀତତାପ ନିୟନ୍ତ୍ରିତ କକ୍ଷରେ ମିଳିପାରିନଥାଏ। ଶୈଶବର ସ୍ମୃତିଚାରଣ କଲେ ପ୍ରତ୍ୟେକ ଓଡ଼ିଆର ମନରେ ଏକ ଅବ୍ୟକ୍ତ ଶିହରଣ ଖେଳିଯାଏ। ଗ୍ରୀଷ୍ମ ଋତୁର ଖରାବେଳେ ଲୁଚକାଳି ଖେଳ, ବର୍ଷା ଦିନେ ଘର କୋଣରେ ବସି କଉଡ଼ି ଖେଳ କିମ୍ବା ଶୀତ ଦିନେ ବାଡ଼ିରେ କ୍ରିକେଟ୍ ବଦଳରେ 'ଗିଲିଦଣ୍ଡା'ର ମଜା— ଏସବୁ ଓଡ଼ିଆ ଜୀବନର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ।

**"ଗାଁ ଦାଣ୍ଡ ଧୂଳି, ଲାଗେ ଭାରି ଭଲ, ସେଇଠି ସରଗ ସୁଖ**
**ସାଙ୍ଗ ସାଥୀ ମେଳେ, ଖେଳୁଥିବା ବେଳେ, ନାହିଁ ଜମା ଦୁଃଖ ଶୋକ।"**

ଏହି ଲୋକକ୍ରୀଡ଼ା ଗୁଡ଼ିକ ମାଧ୍ୟମରେ ଶିଶୁଟିଏ ସମାଜରେ ଚଳିବାର ପ୍ରଥମ ପାଠ ପଢେ। ନିୟମ ମାନିବା, ଦଳପତିର ନିର୍ଦ୍ଦେଶ ପାଳନ କରିବା, ହାରିଗଲେ ମଧ୍ୟ ହସିହସି ସ୍ୱୀକାର କରିବା ଏବଂ ପ୍ରତିପକ୍ଷକୁ ସମ୍ମାନ ଦେବା। ଏହିସବୁ ନୈତିକ ମୂଲ୍ୟବୋଧ ପାଠ୍ୟପୁସ୍ତକ ଅପେକ୍ଷା ଖେଳ ପଡ଼ିଆରୁ ଅଧିକ ଶିଖିବାକୁ ମିଳିଥାଏ। ତେଣୁ ଗବେଷକମାନେ ଲୋକକ୍ରୀଡ଼ାକୁ 'ଅଣ-ଆନୁଷ୍ଠାନିକ ଶିକ୍ଷାର ମୁକ୍ତ ବିଦ୍ୟାଳୟ' ବୋଲି ଅଭିହିତ କରିଛନ୍ତି।

### ଗୀତ ଓ କ୍ରୀଡ଼ାର ସମନ୍ୱୟ

ଗୀତ ଓ କ୍ରୀଡ଼ା ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅନେକ ଖେଳ ଅଛି ଯାହା ଗୀତ ବିନା ଅସମ୍ପୂର୍ଣ୍ଣ। ଏହି ଗୀତଗୁଡ଼ିକ କୌଣସି ପ୍ରସିଦ୍ଧ କବିଙ୍କ ଦ୍ୱାରା ରଚିତ ନୁହେଁ; ଏଗୁଡ଼ିକ ଲୋକ-ମୁଖରୁ ସୃଷ୍ଟି ହୋଇ ପିଢ଼ି ପରେ ପିଢ଼ି ପ୍ରବାହିତ ହୋଇଆସିଛି। ଏହାକୁ 'ଲୋକଗୀତ' ବା 'ଢଗଢମାଳି' କୁହାଯାଇପାରେ। ପ୍ରାୟତଃ 'ପୁଚି' ଖେଳିବା ବେଳେ ଝିଅମାନେ ଗାଆନ୍ତି - "ପୁଚି ଲୋ ପୁଚି", କିମ୍ବା ' ଦୋଳି' ଖେଳିବା ବେଳେ- "ରଜ ଦୋଳି ଗୀତ" ପ୍ରଭୃତି। ଏହି ଗୀତଗୁଡ଼ିକରେ ଛନ୍ଦ ଅଛି, ଲାଳିତ୍ୟ ଅଛି ଏବଂ ଅଛି ଓଡ଼ିଆ ଘରର ଚଳଣି। ଏଥିରେ ଶାଶୁ ବୋହୂର କଳି, ନଣନ୍ଦ ଭାଉଜ ର ସମ୍ପର୍କ, ଦେବଦେବୀଙ୍କ ଆରାଧନା ଏବଂ ସମାଜର ବାସ୍ତବଚିତ୍ର ପ୍ରତିଫଳିତ ହୋଇଥାଏ। ଖେଳର ପରିଶ୍ରମକୁ ଭୁଲାଇ ଦେବା ପାଇଁ ଏହି ଗୀତିଗୁଡ଼ିକ ସଞ୍ଜୀବନୀ ସଦୃଶ କାମ କରିଥାଏ। ଏହା ଓଡ଼ିଆ ସାହିତ୍ୟର ମୌଖିକ ପରମ୍ପରା (Oral Tradition) କୁ ସମୃଦ୍ଧ କରିଛି। ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଗୀତଗୁଡ଼ିକରେ ବ୍ୟବହୃତ ଶବ୍ଦାବଳୀ ନିଛକ ଓଡ଼ିଆ ଶବ୍ଦଭଣ୍ଡାରର ପରିଚୟ ସୃଷ୍ଟି କରିଥାଏ।

### ଲୋକକ୍ରୀଡ଼ାର ପ୍ରକାର ଭେଦ

ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ଲୋକକ୍ରୀଡ଼ା ଗୁଡ଼ିକ ଉଭୟ ମୁକ୍ତ ପ୍ରାଙ୍ଗଣ ଓ ଗୃହପ୍ରାଙ୍ଗଣରେ ପରିବେଷଣ କରାଯାଇଥାଏ। ଏହି କ୍ରୀଡ଼ା ଗୁଡ଼ିକରେ ନାରୀ-ପୁରୁଷ ତଥା ଉଭୟଙ୍କ ଦ୍ୱାରା ମିଶ୍ରିତ ଭାବରେ ମଧ ପରିବେଷିତ କରାଯାଇଥାଏ। ସଙ୍ଗୀତ, ନୃତ୍ୟ, ସାମାଜିକ ରୀତିନୀତି ଓ ପର୍ବପର୍ବାଣୀ ସମୟରେ ଅନେକ କ୍ରୀଡ଼ା ଗୁଡ଼ିକ ପରିବେଷଣ କରାଯାଇଥାଏ। ନିତିଦିନିଆ ଜୀବନଶୈଳୀ କର୍ମମୟ ଜୀବନକୁ ଆଧାର କରି ଖେଳାଳି ମାନେ କ୍ରୀଡ଼ାର ରୂପ ଦେଇଥାନ୍ତି ।

ଲୋକତତ୍ତ୍ୱବିତ୍‌ମାନେ ପଶ୍ଚିମ ଓଡ଼ିଶାର ଲୁପ୍ତପ୍ରାୟ ଲୋକକ୍ରୀଡ଼ାକୁ ସାମାଜିକ, ପାରିବେଶିକ ତଥା କ୍ରୀଡ଼ାକ୍ଷେତ୍ରକୁ ଆଧାର କରି ବିଭାଗୀକରଣ କରାଇଛନ୍ତି। ଯଥା –

### (୧)_ମୁକ୍ତ ପ୍ରାଙ୍ଗଣରେ ପରିବେଷିତ ହେଉଥିବା କ୍ରୀଡ଼ାକେଳିବାଡ଼ି'

,କାଏଦି, କୁଲବନଟୁ, କୁକୁଡ଼ାଗାଲି, ' ଖୁଟିଘିଚା', ଗୋଡିବେଟେନ୍ ପ୍ରଭୃତି ଲୋକକ୍ରୀଡ଼ା ଗୁଡ଼ିକ କେବଳ ମୁକ୍ତ ପ୍ରାଙ୍ଗଣରେ ହିଁ ପରିବେଷଣ କରାଯାଇଥାଏ। ଏହି କ୍ରୀଡ଼ା ଗୁଡ଼ିକ ଖେଳିବା ପାଇଁ ବିଶାଳ କ୍ରୀଡ଼ା କ୍ଷେତ୍ରର ଆବଶ୍ୟକତା ରହିଥାଏ। ମୁକ୍ତ ପ୍ରାଙ୍ଗଣର କ୍ରୀଡ଼ା ଗୁଡ଼ିକ ପଡ଼ିଆ, ଧାନଖଳା, ମନ୍ଦିର ପ୍ରାଙ୍ଗଣ, ଝଂକାଳିଆ ବୃକ୍ଷମୂଳ ତଥା ଗୋଚର ପଡ଼ିଆ ନିକଟସ୍ଥ ପଥର ଚଟାଣ ପ୍ରଭୃତି ସ୍ଥାନରେ ପରିବେଷିତ ହୋଇଥାଏ।

### (୨) ଗୃହପ୍ରାଙ୍ଗଣରେ ପରିବେଷିତ ହେଉଥିବା କ୍ରୀଡ଼ା

'କସାଡ଼ି', କାଁଚକଉଡ଼ି, ବାଘଛେଲ, ଚୁଡ଼ିଖେଲ, ଆଁଗଟିପୁଟେନ୍, କନ୍ଦାଘିଚେନ୍ ପ୍ରଭୃତି ଲୋକକ୍ରୀଡ଼ା ସାଧାରଣତଃ ଗୃହପ୍ରାଙ୍ଗଣ ମଧ୍ୟରେ ପରିବେଷିତ ହୋଇଥାଏ। ଏହି କ୍ରୀଡ଼ା ଗୁଡ଼ିକ ଗୃହ ପ୍ରାଙ୍ଗଣ ବା ଆବଦ୍ଧ ପ୍ରାଙ୍ଗଣରେ ପରିବେଷଣ କରାଯାଇଥାଏ। ନାରୀମାନେ ତଥା ଝିଅ ପିଲାମାନେ ଏହି ଖେଳରେ ବହୁମାତ୍ରାରେ ଅଂଶ ଗ୍ରହଣ କରିଥାନ୍ତି।

### (୩) ନାରୀମାନଙ୍କ ଦ୍ୱାରା ପରିବେଷିତ କ୍ରୀଡ଼ା

'କସାଡ଼ି', 'ବହୂଚୋରି', 'ପୁଚି', 'ନାକ୍-ଚିମ୍‌କେନ୍', ବେଟେଙ୍ଗ', ଚୁଡ଼ିଖେଲ, ବାଗ୍-ଛେଲ୍, ଛକା, ପ୍ରଭୃତି କ୍ରୀଡ଼ାରେ କେବଳ ନାରୀମାନେ ଅଂଶ ଗ୍ରହଣ କରିଥାନ୍ତି। 'ବୋହୂଚୋରି', 'ପୁଚି', ପ୍ରଭୃତି ଖେଳଗୁଡ଼ିକ ନାରୀମାନଙ୍କ ଶାରୀରିକ ଦକ୍ଷତା, ଶକ୍ତିସମ୍ପର୍ଣ୍ଣ କରିବାରେ ସହାୟକ ହୋଇଥାଏ । କିଶୋରୀ ଓ ଯୁବତୀ ମାନେ ପୁଚି, ଭାଲୁମତେନ୍, ମାଛ୍-ସରେଘିନ୍-ବୋରିଆ, ହୁମୋ ପ୍ରଭୃତି କ୍ରୀଡ଼ା ସହିତ ଗୀତର ସଂଯୋଜନ ଦେଖିବାକୁ ମିଳିଥାଏ ।

### (୪) ପୁରୁଷମାନଙ୍କ ଦ୍ୱାରା ପରିବେଷିତ କ୍ରୀଡ଼ା

ବାଟି, ପିଠୁ, ସୁତାଲୁକେନ୍, ପତ୍-ରା, ଖାଡ଼ିଲମାନି ପ୍ରଭୃତି କ୍ରୀଡ଼ାରେ ଅଳ୍ପ ବୟସ୍କ ପୁଅପିଲା ମାନେ ଅଂଶ ଗ୍ରହଣ କରୁଥିବା ବେଳେ ରେଡ଼ାଡୁଡୁ, ଖୁନ୍-ତା, ଗୁପ୍-ଚି, ଗୁଇଁଟା,ହାଡବାନ୍ଦୋ, କେଲିବାଡ଼ି, ଖୁଟିଘିଚା,' ଠେଙ୍ଗାପେଲେନ୍', ଦୁଧଭାର୍, ପ୍ରଭୃତି କ୍ରୀଡ଼ା ବୟସ୍କ ମାନଙ୍କ ଦ୍ୱାରା ଆୟୋଜିତ ହେବାର ଦେଖାଯାଇଥାଏ । ଏସବୁ କ୍ରୀଡ଼ାରେ ଶାରୀରିକ ଦକ୍ଷତାର ଆବଶ୍ୟକତା ପଡ଼ିଥାଏ । ପ୍ରାୟତଃ ବର୍ଷା ଋତୁରେ 'ରେଡ଼ାଦୁଡୁ', '


© 2026 ଡ଼ଃ. ସୁଚିତ୍ରା ମହାନ୍ତି . This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଗୁଡୁ’ ପ୍ରଭୃତି ଖେଳଗୁଡ଼ିକ ଆୟୋଜିତ କରାଯାଇଥାଏ । ଓଦାମାଟି ରେ ଏହି ଖେଳ ଗୁଡ଼ିକର ପରିବେଷଣ ସରଳୀକୃତ ହୋଇଥାଏ ।

**(୫)ଉଭୟ ନାରୀ ପୁରୁଷଙ୍କ ଦ୍ୱାରା ପରିବେଷିତ କ୍ରୀଡ଼ା**

‘କାଣ୍ଡଡ଼ା ଚୋର୍’, କୁର୍ କୁରେନ୍, କନ୍ଦାଘିଚେନ୍, ଆଁଗ୍-ଟିପୁଟେନ୍, ଘାସ୍-କି-ପଦା, ଛୁଟି-କି-ପାରା, ଡାଙ୍ଗଲୁକେନ୍, ପତରା, ଫୁଲ୍-କି-ପାତର୍,ଛେଲ୍-ଚୋରୀ, ରାବଣ୍-କୁକୁଡ଼ା, ଖପ୍-ରିବେଟାନି ପ୍ରଭୃତି କ୍ରୀଡ଼ା ଉଭୟ ପୁଅ ଓ ଝିଅ ଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ସେହିପରି କସାଡ଼ି, ବାଗଛେଲ୍, ଛକା ପ୍ରଭୃତି ଖେଳ ନାରୀ ପୁରୁଷ ଏକତ୍ର ମିଶି ଖେଳିବାର ଦେଖାଯାଇଥାଏ । ‘ ବୋହୂଚୋରି’, ଗୋଡ଼ିବେଟେନ୍, ଛୋର୍ ପ୍ରଭୃତି କ୍ରୀଡ଼ା ଉଭୟ ନାରୀ ପୁରୁଷ ମାନେ ଖେଳିଥାନ୍ତି । ଲୋକକ୍ରୀଡ଼ାରେ ନାରୀ ପୁରୁଷ ଉଭୟ ମିଳିତ ଭାବରେ କ୍ରୀଡ଼ା ପରିବେଷଣ କରୁଥିବାରୁ ସେମାନଙ୍କ ମଧ୍ୟରେ ଥିବା ଦୂରତା,ଭୟତା ତଥା ଭିନ୍ନତାକୁ ଦୂର କରିବା ସହିତ ଏକ ସୁସ୍ଥ ସୁନ୍ଦର ସାମାଜିକ ସମ୍ପର୍କ ଗଠନ କରିବାରେ ସହାୟକ ହୋଇପାରିଛି। ପଶ୍ଚିମ ଓଡ଼ିଶାରେ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ । ଏମାନଙ୍କ ମଧ୍ୟରେ ଲିଙ୍ଗଗତ ବୈଷମ୍ୟ ଦେଖାଯାଏ ନାହିଁ।

**(୬) ଗୀତ ଓ ନୃତ୍ୟ ଆଧାରିତ କ୍ରୀଡ଼ା**

‘ହୁମୋ’, ‘ବଉଲୀ’, ‘ବୋରିଆ’, ‘କଲାକୋକିଲ’, ‘ଜୀରାଲବଙ୍ଗ’ ପ୍ରଭୃତି ପଶ୍ଚିମ ଓଡ଼ିଶାର କ୍ରୀଡ଼ା ଗୁଡ଼ିକ ଗୀତ ଓ ନୃତ୍ୟ ଦ୍ୱାରା ସମନ୍ୱୟ କରାଯାଇଥାଏ । ରେଡା ଦୁଡୁ, ସିରିଗୁଡୁ, ଧରାନିଗୁଡୁ, ବୋହୂଚୋରି, ପୁଚି ପ୍ରଭୃତି କ୍ରୀଡ଼ା ଗୁଡ଼ିକରେ ରା’ ନେବା ପାଇଁ ଏକପଦୀ ଗୀତ ପ୍ରଭୃତିର ବ୍ୟବହାର କରାଯାଇଥାଏ। ଗୀତ ଦ୍ୱାରା ଖେଳାଳିଙ୍କ ଭିତରେ ଏକ ଉତ୍ସାହ, ଉଦ୍ଦୀପନା, ସାହସ ପ୍ରଭୃତି ଖୋରାକ ଯୋଗାଇଥାଏ ।

**(୭)ସାମାଜିକ ରୀତିନୀତି ଓ ପର୍ବପର୍ବାଣୀ ମାନଙ୍କରେ ପରିବେଷିତ କ୍ରୀଡ଼ା**

ପଶ୍ଚିମ ଓଡ଼ିଶାରେ ସାମାଜିକ ରୀତିନୀତି ଓ ପର୍ବପର୍ବାଣୀ ମାନଙ୍କରେ ପରିବେଷିତ କ୍ରୀଡ଼ା ଗୁଡ଼ିକ ମଧ୍ୟରେ ବିଶେଷ ଗଣପର୍ବ ‘ନୂଆଖାଇ’ ଓ ‘ଦଶହରା’ର ବାସିଦିନ ମାନଙ୍କରେ ‘ରେଡାଡୁଡୁ’,‘ଗୁଡୁ’,‘ଖୁଟିଘିଚା’, ହାଁଣିଚେପେନ୍, ଠେଙ୍ଗାପେଲେନ୍ ପ୍ରଭୃତି କ୍ରୀଡ଼ା ଗୁଡ଼ିକ ଆୟୋଜିତ ହୋଇଥାଏ । ରଥଯାତ୍ରା ତଥା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନଠାରୁ ସପ୍ତପୁରୀ ଅମାବାସ୍ୟା ଯାଏଁ ‘ ଗେଡି’, କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ଠାରୁ ମାଘ ଶୁକ୍ଳପକ୍ଷ ଦଶମୀ ମଧ୍ୟରେ ମଗଧା ଗଉଡ଼ ମାନେ ‘ବାଡ଼ିଖେଲ୍’ର ଆୟୋଜନ କରିଥାନ୍ତି ।

**(୮) ଅନୁକରଣମୂଳକ କ୍ରୀଡ଼ା**

‘ କୁଣିକାଚି’, ‘ମାଷ୍ଟରଖେଲ୍’, ‘ନାକ୍ ଚିମ୍-କେନ୍’, ‘ଚିହିରାକୁଟା’, ‘ମାଛଧରା’ ପ୍ରଭୃତି କ୍ରୀଡ଼ା ଗୁଡ଼ିକ ଅନୁକରଣାତ୍ମକ ଢଙ୍ଗରେ ପରିବେଷଣ କରାଯାଇଥାଏ । ଏତଦ୍ ବ୍ୟତୀତ ‘ଘରବନାବା’ କିମ୍ବା ‘କୁଣିକାଚି’ରେ ବିଭିନ୍ନ ସାମାଜିକ ରୀତିନୀତି, ଦୈନନ୍ଦିନ ଗୃହକାର୍ଯ୍ୟର କାର୍ଯ୍ୟବଳୀର ଅନୁକରଣାତ୍ମକ ପରିବେଷଣ କରିବା ସହିତ ସୃଜନଶୀଳତାର ପରିପ୍ରକାଶ ଦେଖିବାକୁ ମିଳିଥାଏ । ଏହା ଏକ ସାର୍ବଜନୀନ ସାମାଜିକ ଜ୍ଞାନ ଓ କୌଶଳ ଆଦାନ ପ୍ରଦାନର ଏକ ପ୍ରମୁଖ ମାଧ୍ୟମ ।

**(୯)ବର୍ଣ୍ଣନାତ୍ମକ ପ୍ରକ୍ରିୟାରେ ପରିବେଷିତ କ୍ରୀଡ଼ା**

ପୁଠାପୁଡେନ୍, ମାଛସରେଘିନ’, କାଠଯିବା , ବା ଟାଙ୍ଗିଆ ଛିନେ ଦିଅ , ଆମର ଡ଼ଙ୍ଗର୍ ବଢୁ ବଢୁ, ବହଦିଅ ସମଧେନ୍, ‘ବନକ୍ ବାଏର୍’, ହାଟ୍ ବିକା, ‘ଡାଲିମ୍ବଖେଲ୍’ ପ୍ରଭୃତି ଲୋକକ୍ରୀଡ଼ାରେ ସାଧାରଣତଃ ନିତିଦିନିଆ ଜୀବନର ବିଭିନ୍ନ କାର୍ଯ୍ୟାବଳୀର ବର୍ଣ୍ଣନା ଓ ଏହାର ଅଭିନୟାତ୍ମକ ପରିବେଷଣ କରାଯାଇଥାଏ। ବର୍ଣ୍ଣନାତ୍ମକ ପ୍ରକ୍ରିୟାରେ ପରିବେଷିତ ଏହି କ୍ରୀଡ଼ା ଗୁଡ଼ିକ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପରିବେଷିତ ହୋଇଥାଏ। ଏହି କ୍ରୀଡ଼ାରେ ଉଭୟ ପୁଅ ଓ ଝିଅ ଅଂଶ ଗ୍ରହଣ କରିଥାନ୍ତି । ବିଭିନ୍ନ ସାମାଜିକ ରୀତିନୀତି, ବେପାର ବାଣିଜ୍ୟ, ଘରକରଣା, ଦୈନନ୍ଦିନ କାର୍ଯ୍ୟାବଳୀକୁ ଆଧାର କରି ଏହି କ୍ରୀଡ଼ାଗୁଡ଼ିକର ପରିବେଷଣ କରାଯାଇଥାଏ ।

**(୧୦)ଜଳାଶୟ ମଧ୍ୟରେ ପରିବେଷିତ କ୍ରୀଡ଼ା**

ପଶ୍ଚିମ ଓଡ଼ିଶାର ଖେଳାଳିମାନେ ବନ୍ଧ ବା ପୋଖରୀ ମାନଙ୍କରେ କ୍ରୀଡ଼ାର ଆୟୋଜନ କରିଥାନ୍ତି। ‘ଛିପିମରା’ ଖେଳଟି ପାଣି ଉପରେ ଆୟୋଜିତ ହେଉଥିବା ବେଳେ ‘ଫୁଇଟ୍’ ଖେଳ ପାଣି ଭିତରେ ଆୟୋଜିତ ହୋଇଥାଏ। ଏହି କ୍ରୀଡ଼ାଗୁଡ଼ିକରେ କିଶୋର, ତରୁଣମାନେ ବହୁଳ ଭାବରେ ଅଂଶ ଗ୍ରହଣ କରିଥାନ୍ତି। ପଶ୍ଚିମ ଓଡ଼ିଶାର ଲୋକ କ୍ରୀଡ଼ାଗୁଡ଼ିକ ଲିଙ୍ଗଭେଦ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗ୍ରହଣୀୟ।

**(୧୧) ବୃକ୍ଷ ପରିସରରେ ପରିବେଷିତ କ୍ରୀଡ଼ା**

ପଶ୍ଚିମ ଓଡ଼ିଶାରେ କିଛି ଲୋକକ୍ରୀଡ଼ା ବୃକ୍ଷ ସାମ୍ନାରେ ଆଉ କିଛି କ୍ରୀଡ଼ା ବୃକ୍ଷ ପରିସର ମଧ୍ୟରେ ପରିବେଷଣ କରାଯାଇଥାଏ। ‘ହାଡ୍-ବାନ୍ଦୋ’ ପରି କ୍ରୀଡ଼ା ଶାଖପ୍ରଶାଖାଯୁକ୍ତ, ବୃକ୍ଷ ଉପରେ ହିଁ ପରିବେଶିତ ହୋଇଥାଏ। ‘ଫୁଲ୍-କି-ପତର୍ , ପତରା, ଗୁଇଁଟା, ବିଜାମରା ପ୍ରଭୃତି କ୍ରୀଡ଼ା ପୁରୁଷମାନଙ୍କ ଦ୍ୱାରା ବୃକ୍ଷ ଛାୟା ତଳେ ପରିବେଷଣ କରାଯାଇଥାଏ। ଏହି ଲୋକକ୍ରୀଡ଼ା ଗୁଡ଼ିକ ‘ବୃକ୍ଷ’ କୁ ଆଧାର କରି ପରିବେଷଣ କରାଯିବା ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମଣିଷ ଜୀବନ ସହିତ ବୃକ୍ଷ ର ସମ୍ପର୍କ ଅତି ନିବିଡ଼। ଯେପରି ମହୁଲ ଗଛ ତଳେ ସଂଧ୍ୟା ସମୟରେ ‘ଭାଲୁମତେନ୍’ ଭଳି ଏକ ବିଶେଷ ଧରଣର ଖେଳ ଟି ଖେଳା ଯାଇଥାଏ।

**(୧୨) କାଗଜ କଲମ ସାହାଯ୍ୟରେ ପରିବେଷିତ କ୍ରୀଡ଼ା**

‘ଛକିଶୂନ’, ‘ଚୋର ପୁଲିସ’, ‘ରାଜାମନ୍ତ୍ରୀ’ ପ୍ରଭୃତି କ୍ରୀଡ଼ା ପଶ୍ଚିମ ଓଡ଼ିଶାର ଶିଶୁ କିଶୋର ମାନେ କାଗଜ କଲମ ଦ୍ୱାରା ଖେଳିଥାନ୍ତି। ଅବସର ସମୟରେ ତଥା ମନୋରଞ୍ଜନ ପାଇଁ ଏହି କ୍ରୀଡ଼ାର ଆୟୋଜନ କରାଯାଇଥାଏ। ୭ ରୁ ୮/୧୦ ବର୍ଷର ବୟସ୍କ ଖେଳାଳିମାନେ ଏହି କ୍ରୀଡ଼ା ପରିବେଷଣରେ ଅଂଶଗ୍ରହଣ କରିଥାନ୍ତି। ପ୍ରାୟତଃ ଯେଉଁମାନେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ଏହି କ୍ରୀଡ଼ା ପରିବେଷଣ ପାଇଁ କାଗଜ ଓ କଲମର ଆବଶ୍ୟକତା କରିଥାନ୍ତି। ଏହାର ଉଦାହରଣ ସ୍ୱରୂପ ରାଜାମନ୍ତ୍ରୀ, ଚୋର ପୁଲିସ, ପ୍ରଭୃତି। ଏହି କ୍ରୀଡ଼ାଗୁଡ଼ିକ ଗୃହର ବାରଣ୍ଡା, ଦାଣ୍ଡ ପିଣ୍ଡା, ଏପରିକି ସ୍କୁଲର ଅବସର ସମୟରେ ମଧ୍ୟ ଖେଳିଥାନ୍ତି

**(୧୩) ବାଚିକ କ୍ରୀଡ଼ା**

ପଶ୍ଚିମ ଓଡ଼ିଶାରେ ବାଚିକ କ୍ରୀଡ଼ା ବା ନାଁ-ଦିଆ, କଠିନ ଉଚ୍ଚାରଣ (Tongue twisters) ଗୁଡ଼ିକର କ୍ରୀଡ଼ାରୂପ ଦେଖିବାକୁ ମିଳିଥାଏ। ଏହି କ୍ରୀଡ଼ାଟି ଉଭୟ କିଶୋର ତରୁଣ ଓ ଅଭିଭାବକ ଶ୍ରେଣୀର ସଦସ୍ୟ ମାନଙ୍କ ଦ୍ୱାରା ଏକତ୍ର ଭାବରେ କରାଯାଇଥାଏ। ପଶ୍ଚିମ ଓଡ଼ିଶାର ଖେଳାଳିମାନେ କଠିନ ଉଚ୍ଚାରଣ ଗୁଡ଼ିକୁ ମଧ୍ୟ କ୍ରୀଡ଼ା ଭାବରେ ପରିବେଷଣ କରାଯିବାର ଦେଖାଯାଇଥାଏ। ଆରକ୍ ପତ୍ ରେ ଗୁଡ୍ ଖାଏଲି ଘି ଖାଏଲି, ଆରକ୍ ପତ୍ ରେ ଗୁଡ୍ ଖାଏଲି ଘି ଖାଏଲି; ବାଟର୍ ପିପଲ୍ ଲଟର୍ ପଟର୍, ଗୁହୁ ଛାଡ଼ି ଗୁର୍ ଖାଏ, ପୁରୀ ଖାଏଲି, ପିଠା ଖାଏଲି ଓ ବାହନ୍ ଉପରେ ଷଣ୍ଢ – ବାହନ୍ ଉପରେ ଶଣ୍ଢ” - ପ୍ରଭୃତି କୁ ଏହାର ଉଦାହରଣ ଭାବରେ ନିଆଯାଇଥାଏ। ଏହି ବାକ୍ୟଗୁଡ଼ିକୁ ଦ୍ରୁତ ଭାବରେ ବା ଜଲ୍ଦି ଜଲ୍ଦି ପରିବେଷଣ କରିବାକୁ ହୋଇଥାଏ। ଯେଉଁ ଖେଳାଳି ସଠିକ୍ ଭାବରେ କହିଦେଇଥାଏ ସିଏ ବିଜୟୀ ଖେଳାଳି ଭାବରେ ପରିଗଣିତ ହୋଇଥାଏ।

**(୧୪) ସୂତା ଖେଳ**


© 2026 ଡ଼ଃ. ସୁଚିତ୍ରା ମହାନ୍ତି. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପଶ୍ଚିମ ଓଡ଼ିଶାରେ ଖେଳାଳିମାନେ ଏକ ସୂତା ସାହାଯ୍ୟରେ ମୟୂର, ଖଟ, ପଞ୍ଜୁରୀ, କୁମ୍ଭୀର, ଦୁଆରବନ୍ଧ, ମାଛଜାଲ, ମଶାରୀ ଜାଲ, ଛତା, କୁକୁଡ଼ା ଚୂଳ ପ୍ରଭୃତି ନିଜ ହାତରେ ତିଆରି କରିଥାନ୍ତି। ଝିଅ ମାନଙ୍କ ଦ୍ବାରା ସୂତା ସାହାଯ୍ୟରେ ଏହି ସବୁ ବସ୍ତୁର ପ୍ରତୀକ ତିଆରି କରିବା ପାଇଁ ଏହାର ଆୟୋଜନ କରିଥାନ୍ତି। ଯିଏ ଯେତେ ଶୀଘ୍ର ଏହାକୁ ପ୍ରସ୍ତୁତ କରିପାରିଥାଏ, ସିଏ ବିଜୟ ଲାଭ କରିଥାଏ। ପଶ୍ଚିମ ଓଡ଼ିଶାରେ ଦଉଡ଼ିଆ ଖଟରେ ମଧ୍ଯ ବିଭିନ୍ନ ପ୍ରକାରର ଫୁଲ, ପଶୁପକ୍ଷୀର ପ୍ରତୀକାତ୍ମକ ରୂପ ଦେଖିବାକୁ ମିଳିଥାଏ। ଏହି ଖେଳ ପରିବେଷଣରେ ଖେଳାଳିମାନଙ୍କର ମସ୍ତିଷ୍କର ସକ୍ରିୟ ହେବା ସହିତ କ୍ଷୀପ୍ର ଆଙ୍ଗୁଠି ଚାଳନାର ଉଦ୍ରେକ ଦେଖାଯାଇଥାଏ।

**(୧୫) ବହିଃରାଗତ କ୍ରୀଡ଼ା**

ତାସ୍, ଗଞ୍ଜପା ପ୍ରଭୃତି ବହିରାଗତ କ୍ରୀଡ଼ାର ଅନ୍ତର୍ଭୁକ୍ତ। ଏହି କ୍ରୀଡ଼ା ପଶ୍ଚିମ ଓଡ଼ିଶାରେ ଲୋକପ୍ରିୟତା ହାସଲ କରିପାରିଛି। ପ୍ରାୟତଃ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ମାନଙ୍କରେ ମଧ୍ଯ ଦେଖିବାକୁ ମିଳିଥାଏ।

**ଲୋକ କ୍ରୀଡ଼ାର ପ୍ରଭାବ**

ଲୋକ କ୍ରୀଡ଼ାର ସଂପୃକ୍ତି ସମାଜ ସହିତ ଓତପ୍ରୋତ ଭାବେ ଜଡ଼ିତ। ଲୋକକ୍ରୀଡ଼ାର ପରିବେଷଣ ସମାଜରେ ଏକ ସାମାଜିକ ସ୍ବୀକୃତି, ପାରମ୍ପରିକତା, କଳା, ସଂସ୍କୃତି ଓ କୌଶଳର ସଫଳ ପ୍ରୟୋଗକର୍ତ୍ତା, ପାରମ୍ପରିକ ବୋଧଜ୍ଞାନର ବିନିମୟତା, ଖେଳାଳି ମାନଙ୍କ ମଧ୍ୟରେ ସଂହତି, ଏକତା, ଭ୍ରାତୃଭାବ, ସମନ୍ୟୟତା, ପରୋପକାରିତା, ପରିପକ୍ଵତା ପ୍ରଭୃତି ଶୈକ୍ଷିକ ପ୍ରଭାବ ଲୋକ କ୍ରୀଡ଼ାରେ ପକାଇଥାଏ।

ଏକବିଂଶ ଶତାବ୍ଦୀର ସଭ୍ୟ ଶିକ୍ଷିତ ସମାଜରେ ଆଜିର ମଣିଷ ଏକାନ୍ନବର୍ତ୍ତୀ ହୋଇପଡ଼ିଛି। ନିଜକୁ କର୍ମମୟ ଜୀବନ ଜଂଜାଳରେ ଲିପ୍ତ ରଖି ସମୟ ଦେଇପାରୁ ନାହିଁ। କ୍ରୀଡ଼ା ପାଇଁ ମଧ୍ଯ ସମୟର ଅଭାବ ହେଉଛି। ଲୋକକ୍ରୀଡ଼ା କେବଳ ଏକ ସାଂସ୍କୃତିକ ପରିଚୟ ନୁହେଁ, ଏକ ଶୃଙ୍ଖଳିତ ଜୀବନ-ଶୈଳୀ। ମାନସିକ ପରିପକ୍ଵତାର ଏକ ଉତ୍କୃଷ୍ଟ ମାଧ୍ୟମ। ଅନେକ ଲୋକକ୍ରୀଡ଼ା ବୈଷୟିକ ଜ୍ଞାନ କୌଶଳର ପ୍ରଭାବରେ ଲୋକକ୍ରୀଡ଼ା ଦିନକୁ ଦିନ ପ୍ରାୟତଃ ଲୁପ୍ତ ପ୍ରାୟ। ଏତଦ୍‌ବ୍ୟତୀତ ଭାଇଚାରାର ଅଭାବ ମଧ୍ଯ ପରିଲକ୍ଷିତ ହେବାରେ ଲାଗିଲାଣି। ଲୋକକ୍ରୀଡ଼ାରେ ଧନୀ ଦରିଦ୍ର, ଉଚ୍ଚନୀଚ୍ଚର କୌଣସି ଭେଦଭାବ ଦେଖିବାକୁ ମିଳିନଥାଏ। ଜମିଦାରର ପୁଅ ଓ ହଳିଆର ପୁଅ ଏକାଠି କାନ୍ଧ ଉପରେ ହାତ ପକାଇ ଖେଳ ଖେଳିଥାନ୍ତି। ସାମ୍ୟବାଦୀ ଭାବଧାରାର ଏହା ଏକ ସୂଚିତ। ସହନଶୀଳତା ଓ ସୁଦୃଢ଼ତାର ଏକ ପାରସ୍ପରିକ ସଂପର୍କ ପ୍ରତିଷ୍ଠା କରିଥାଏ। ଏହି ଖେଳ ଗାଁର ଏକତାକୁ ସୁଦୃଢ଼ କରିଥାଏ। ସନ୍ଧ୍ୟାବେଳେ ଗାଁ ଦାଣ୍ଡରେ ଖେଳ ଜମେ, ଆସର ଜମେ, ବୟସ୍କ ଲୋକମାନେ ବସି ତାହା ଉପଭୋଗ କରନ୍ତି, ପରାମର୍ଶ ମଧ୍ଯ ଦେଇଥାନ୍ତି। ଏହା ଏକ ପାରିବାରିକ ସଂପର୍କ ସୃଷ୍ଟି କରିଥାଏ। ଲୋକ କ୍ରୀଡ଼ାରେ ନାରୀମାନଙ୍କ ପାଇଁ ପ୍ରଶସ୍ତ ପରିସର ଥିବାରୁ ନାରୀମାନଙ୍କୁ ଏକ ସାମାଜିକ ଅଧିକାର ଏହା ମାଧ୍ୟମରେ ମିଳିପାରୁଛି। ନାରୀ ଓ ପୁରୁଷ, କିଶୋର କିଶୋରୀ, ବୟସ୍କ, ସମବର୍ଗ ର ଲୋକମାନଙ୍କ ପାଇଁ ମଧ୍ଯ ଏହା ଏକ ଅମୋଘ ଅସ୍ତ୍ର ଭଳି କାମ କରିଥାଏ।

ଓଡ଼ିଶା ତଥା ପଶ୍ଚିମ ଓଡ଼ିଶାରେ ଲୋକକ୍ରୀଡ଼ାର ବହୁ ଆବଶ୍ୟକତା ରହିଛି। ପଶ୍ଚିମ ଓଡ଼ିଶାର କ୍ରୀଡ଼ାଗୁଡ଼ିକ ଦ୍ଵାରା ମାନବ ସମାଜର ବ୍ୟକ୍ତିଗତ ଉନ୍ନତି ସହିତ ଶାରୀରିକ, ମାନସିକ ପରିପକ୍ଵତା, ସୃଜନଶୀଳତା, ଜ୍ଞାନର ସମ୍ପ୍ରସାରଣ ହେବାର ସହାୟକ ହୋଇଥାଏ। ଯଥାର୍ଥରେ ଲୋକକ୍ରୀଡ଼ା ଆମ ଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

## ସନ୍ଦର୍ଭ ସୂଚୀ


ଦାଶ କୁଞ୍ଜବିହାରୀ. *ଓଡ଼ିଆ ଲୋକଗୀତ ଓ କାହାଣୀ.* ବିଶ୍ୱଭାରତୀ ଓଡ଼ିଆ ଗବେଷଣା ବିଭାଗ; ୧୯୫୮।

୨. ବାଗ ସଞ୍ଜୟ କୁମାର. *ଓଡିଶାର ଲୋକକ୍ରୀଡା.* ଓଡିଶା ସାହିତ୍ୟ ଏକାଡେମୀ; ୨୦୧୭।

୩. *ପଶ୍ଚିମ ଓଡିଶାର ପାରମ୍ପାରିକ କ୍ରୀଡ଼ା: ଏକ ଲୋକତାତ୍ତ୍ୱିକ ଅଧ୍ୟୟନ.* ଭୁବନେଶ୍ୱର: ତୃପ୍ତି; ୨୦୧୨।

୪. ପଟ୍ଟନାୟକ ଅରବିନ୍ଦ. *ଓଡ଼ିଆ ଲୋକ ସାହିତ୍ୟ ଓ ସଂସ୍କୃତି.* ଓଡ଼ିଶା ସାହିତ୍ୟ ଏକାଡେମୀ; ୨୦୨୪।

୫. ପ୍ରଧାନ କୃଷ୍ଣଚନ୍ଦ୍ର. *ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି.* ୭ମ ସଂସ୍କରଣ. ବିଦ୍ୟାପୁରୀ; ୨୦୧୭।

୬. ସାମନ୍ତ କମ୍ବୁପାଣି. *ଲୋକ ସଂସ୍କୃତିର ଭିନ୍ନ ଚର୍ଚ୍ଚା.* ଭୁବନେଶ୍ୱର: ଇଥେନା ବୁକ୍ସ; ୨୦୧୨।

୭. ପଟ୍ଟନାୟକ ଅରବିନ୍ଦ. *ଓଡ଼ିଶାରେ ଲୋକ ଧର୍ମର ପରମ୍ପରା.* କଟକ: ଭାରତ ଭାରତୀ; ୨୦୧୨।

୮. ସାହୁ ସୁଧୀର କୁମାର. *ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ବିକାଶ ଧାରା.* କଟକ: ଅଗ୍ରଦୂତ; ୨୦୦୮।



**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.



**About the corresponding author**



**ଡ଼. ସୁଚିତ୍ରା ମହାନ୍ତି** ଓଡ଼ିଶାର ରାଉରକେଲାସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ଓ ଜଣେ ସୁଲେଖିକା ଭାବେ ପରିଚିତା। ସେ ଓଡ଼ିଆ ସାହିତ୍ୟ, ଲୋକସଂସ୍କୃତି ଓ ତୁଳନାତ୍ମକ ଗବେଷଣା ବିଭାଗରେ ବିଶେଷ ଆଗ୍ରହୀ। ଶିକ୍ଷା ଓ ସାହିତ୍ୟକ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନ ରହିଆସିଛି।




© 2026 *ଡ଼ଃ. ସୁଚିତ୍ରା ମହାନ୍ତି*. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/